



### ପୌରାଞ୍ଚଳରେ ଗଡ଼ିଲା 'ଅର୍ପଣ ରଥ'

# ଶଙ୍ଖ, ହୁଳହୁଳିରେ କମ୍ପିଲା ଶରଧାବାଲି

**ପୁରୀ, ୮।୧(ସମିସ):** ପୌଷ ମାସର ଶୀତୁଆ ସୋମବାର। ଚଳଚଞ୍ଚଳ ଥିଲା ଶରଧାବାଲିର ନୃସିଂହ ମନ୍ଦିର। ପ୍ରସ୍ତୁତ ଥିଲା ସୁସଜ୍ଜିତ ଜୟ ଜଗନ୍ନାଥ ଅର୍ପଣ ରଥ। ରଥକୁ ଘେରି ରହିଥିଲେ ଶ୍ରଦ୍ଧାଳୁ। ହୁଳହୁଳି, ଶଙ୍ଖ ଧ୍ୱନିରେ କମ୍ପୁଥିଲା ଶରଧାବାଲି। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠୁଥିଲା ସମଗ୍ର ପରିବେଶ। ଭାବ ଭକ୍ତିରେ ଭିଜୁଥିଲେ ସମବେତ ଜନତା। ଭାବାବେଗରେ ଓଦା ଦିଶୁଥିଲା ଅନେକଙ୍କ ଆଖି। କାହିଁକି ବା ନ ହେବ ? ହଟ ଲଗାଇଛନ୍ତି ପରା ହଟିଆ ଠାକୁର। ଏମିତି ଏକ ଭାବାବେଗର ପରିବେଶ ସୃଷ୍ଟି ହୋଇଥିଲା ଶରଧାବାଲି ସଂଲଗ୍ନ ନୃସିଂହ ମନ୍ଦିର ସମ୍ମୁଖରେ। ଭାବର ଠାକୁର ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉଦ୍ଦେଶ୍ୟରେ ସମବେତ ମା' ମାନେ, ଶ୍ରଦ୍ଧାଳୁ ଓ ଜନତା ସ୍ୱତଃପ୍ରବୃତ୍ତ ଭାବେ ଅର୍ପଣ କରୁଥିଲେ ସମର୍ପଣର ସ୍ମାରକୀ ଅରୁଆ ଚାଉଳ ଓ ଗୁଆ। ସମସ୍ତେ କରୁଥିଲେ ଭକ୍ତିପୂତ ପ୍ରଣାମ। ସୋମବାରଠାରୁ ପୁରୀ ପୌରାଞ୍ଚଳରେ ଗଡ଼ିଥିଲା 'ଅର୍ପଣ ରଥ'। ଶରଧାବାଲିସ୍ଥିତ ନୃସିଂହ ମନ୍ଦିରଠାରୁ ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଓ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ବିଭିନ୍ନ ୱାର୍ଡକୁ ପ୍ରେରଣ କରାଯାଇଥିଲା। ପ୍ରଥମ ଦିନରେ ୧, ୨, ୧୬ ଓ ୧୭ ନମ୍ବର ୱାର୍ଡ ବୁଲିଥିଲା ଏହି ରଥ। ଥିଲା। ପ୍ରତି ୱାର୍ଡରେ ରଥକୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂକୀର୍ତ୍ତନ ଦଳ ରଥକୁ ଆଗେଇ ନେଉଥିବା ବେଳେ ଏକ ସମସ୍ତଙ୍କ ମଧ୍ୟରେ ଦିବ୍ୟ ଅନୁଭବ ଜାଗ୍ରତ ହେଉଥିଲା। ଏପରି କି ରାସ୍ତାରେ ଯାଉଥିବା ଲୋକେ ଦଣ୍ଡେ ଅଟକି ଅର୍ପଣ ରଥକୁ ଛୁଇଁବାକୁ ବ୍ୟଗ୍ରତା ଦେଖାଉଥିଲେ। ପ୍ରତି ଘରୁ ଅରୁଆ ଚାଉଳ, ଗୁଆ ପ୍ରଦାନ ପାଇଁ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ ପୌର କର୍ମଚାରୀ, ମିଶନ ଶକ୍ତିର ମା' ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

**ଭାବ ଭକ୍ତିରେ ଭିଜିଲେ ଶ୍ରଦ୍ଧାଳୁ**

**ଶ୍ରଦ୍ଧାରେ ବଢ଼ାଇଲେ ଅକ୍ଷତ ଓ ଗୁଆ**




### ଗାଁ ଗାଁ ବୁଲିବ ଭୋଟିଂ ମେସିନ୍ ରଥ

# ଇଭିଏମ୍ ମାଧ୍ୟମରେ ଭୋଟ ଦେବାକୁ କରିବ ସଚେତନ



**ପୁରୀ, ୮।୧(ସମିସ)**

ପୁରୀ ଜିଲ୍ଲାର ଭୋଟରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟ ଦେବା ପ୍ରଣାଳୀ ବିଷୟରେ ସଚେତନ କରିବ ଇଭିଏମ୍ ଡେମନ୍ଷ୍ଟ୍ରେଶନ ଭେଇକ୍ଲ ବା ଇଭିଏମ୍ ରଥ। ଏହି ରଥ ଆସନ୍ତା ୧୦ ତାରିଖଠାରୁ ପ୍ରତିଦିନ ପ୍ରତି ବ୍ଲକ ଅଫିସରୁ ବାହାରି ୩ରୁ ୪ ଟି ଅଞ୍ଚଳ ବୁଲିବ। ଏହା ସମ୍ପୃକ୍ତ ବୁଥ୍ ଆଖପାଖରେ ଥିବା ଜନଗହଳି ଅଞ୍ଚଳରେ ରହିବ ଓ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଭୋଟିଂ ମେସିନ୍ ବାବଦରେ ସଚେତନ କରାଇବ। ପ୍ରତିଟି ରଥରେ ୪ ଜଣ ବ୍ୟକ୍ତି ରହିବେ, ଯେଉଁମାନେ ଭୋଟିଂ ମେସିନ୍‌ଗୁଡ଼ିକ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ଓ ତାହାର କାର୍ଯ୍ୟ ପ୍ରଣାଳୀ ବୁଝାଇବେ। ଲୋକମାନେ ମେସିନ୍ ମାଧ୍ୟମରେ କିଭଳି ପ୍ରକାର ଭୋଟ ଦେବେ ତାହାର ଏକ ଡେମୋ ମଧ୍ୟ ଉକ୍ତ ମେସିନ୍ ବ୍ୟବହାର କରି ପାଇପାରିବେ। ଲୋକମାନେ ମଧ୍ୟ ଏହି ଡମି ଭୋଟ ପ୍ରଦାନ ମାଧ୍ୟମରେ କାହାକୁ ଭୋଟ ଦେଲେ ତାହା ଭିଭିପାଟ ମାଧ୍ୟମରେ ଦେଖିପାରିବେ। ଏହି ସଂକ୍ରାନ୍ତୀୟ ଏକ ଟ୍ରେନିଂ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ସମସ୍ତ ବିଡ଼ିଓ, ତହସିଲଦାର ଓ ବ୍ଲକ ଲେବଲ ଏକ୍ସଟେନ୍‌ଶନ ଅଫିସରମାନଙ୍କୁ ଦିଆଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ମନିଷା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ୧୫ରୁ ୧୮ ପୁରୀରେ ବନ୍ଦହେଉ ମଦ

**ପୁରୀ, ୮।୧(ସମିସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ୧୫ ତାରିଖରୁ ହୋମଯଜ୍ଞ ଆରମ୍ଭ କରାଯିବ। ତେଣୁ ସହର ତଥା ସହରକୁ ସଂଯୋଗ କରୁଥିବା ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ଆସନ୍ତା ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ୪ଦିନ ପୁରୀ ସହର ତଥା ଆଖପାଖ ଅଞ୍ଚଳର ମଦଦୋକାନ ବନ୍ଦ କରାଯାଉ ବୋଲି ଦାବି କରିଛି ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ। ଅଭିଯାନର ସଭାପତି ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଏହି ଦାବି ପୋଷଣ କରିଛନ୍ତି। ଏ ନେଇ ସୋମବାର ଅଭିଯାନ ସଦସ୍ୟ ରାଜେନ୍ଦ୍ର ମହାନ୍ତି, ଶିବରାମ ପ୍ରଧାନ, ଶ୍ୟାମକାହ୍ନା ପଟ୍ଟନାୟକ, ସାମ୍ବାଦିକ ମଧୁସୂଦନ ମିଶ୍ର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ରବିବାର ମିଳିତ ଓଡ଼ିଶା ନିବାରଣ ଅଭିଯାନ ଓ ନିଶା ନିବାରଣ ଅଭିଯାନ ପୁରୀ ଶାଖାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅପର୍ଣ୍ଣା ନାୟକ, ବାସନ୍ତୀ ଆଚାର୍ଯ୍ୟ, ବିନୋଦ ପଣ୍ଡା, ଚକ୍ରଧର ମହାପାତ୍ର, ଭାସ୍କର ପୂଜାରୀ, ମଧୁମିତା ମହାପାତ୍ର, ଜୟନ୍ତୀ ମହାପାତ୍ର, ହରିଶଙ୍କର ମିଶ୍ର, ନିରଞ୍ଜନ ମହାପାତ୍ର, ଅଜୟ ପ୍ରଧାନ, ସ୍ୱାଧୀନ ପଣ୍ଡା, ଶିବ ସେନାପତି, ସୀତାରାମ ସେନାପତି, ଜଗନ୍ନାଥ ଷଡଙ୍ଗୀ, ଯୋଗଗୁରୁ ମନୋଜ ନାୟକ, ଛାୟାକାନ୍ତ ନାୟକ, ବିଦ୍ୟୁଲତା ଆଚାର୍ଯ୍ୟ, ପଦ୍ମଲୋଚନ ମହାପାତ୍ର, ପ୍ରୟଙ୍କା ମହାପାତ୍ର, ଦୁର୍ଗାପ୍ରସାଦ ପ୍ରଧାନ, ଡ ପବିତ୍ର ପ୍ରଧାନ, ସନ୍ଦୀପ କର୍ମକାର ପ୍ରମୁଖ ଯୋଗଦେଇଥିଲେ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ପାଇଁ ନିଷ୍ପତ୍ତି କ୍ରମରେ ସୋମବାର ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

**ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଲକ୍ଷ୍ୟରେ ସ୍ମାରକପତ୍ର ପ୍ରଦାନ**

# ଆଜି ଠାରୁ ମହିଳା ରଗ୍‌ବୀ ଫୁଟ୍‌ବଲ୍ ମ୍ୟାଚ୍



**ପୁରୀ, ୮।୧(ସମିସ)**

ପୁରୀରେ ଖେଲୋ ଇଣ୍ଡିଆ ମହିଳା ରଗ୍‌ବୀ ଫୁଟବଲ ମେଗା ଇଭେଣ୍ଟ ପ୍ରଥମଥର ପାଇଁ ପୁରୀ ଝାଡେଶ୍ୱରୀ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଛି। ଏହି ମେଗା ଇଭେଣ୍ଟ ୯, ୧୦, ୧୧, ଦିନ ଧରି ଜିଲ୍ଲା ସ୍କୁଲର ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟରେ ସମୁଦାୟ ୫୬୦ଜଣ ମହିଳା ପ୍ରତିଯୋଗୀ ଖେଳରେ ଭାଗନେବା ସହ ଏହି ମେଗା ଇଭେଣ୍ଟ ୩ଭାଗରେ ବିଭକ୍ତ କରାଯାଇଛି (ଉପ କନିଷ୍ଠ, କନିଷ୍ଠ, ବରିଷ୍ଠ)। ମହିଳା ଦଳ ଭାବରେ ଖେଳ ପ୍ରଦର୍ଶନ କରିବେ ପ୍ରତ୍ୟେକ ଦିନ ଏହି ଇଭେଣ୍ଟରେ ଖେଳାଳିଙ୍କ ପାଇଁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ରଗବୀ ତରଫରୁ ୧ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ବିତରଣ କରାଯିବ। ସେହିଭଳି ୩ଦିନ ଯାକରେ ୩ଲକ୍ଷ ଅର୍ଥ ରାଶି ପୁରସ୍କୃତ କରାଯିବ। ଖେଳାଳିଙ୍କ ପାଇଁ ପ୍ରଥମ ପ୍ରାଇଜି ୫୦ହଜାର ଦ୍ୱିତୀୟ ୩୦ହଜାର ଓ ତୃତୀୟ୨୦ହଜାର ଟଙ୍କା ରଖାଯାଇଛି। ଏହି ସହିତ ମେଡାଲ ଏବଂ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ପୁରୀ ଜିଲ୍ଲା ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପ୍ରକାଶ କରିଛନ୍ତି। ଏହି ଅବସରରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ରଗ୍‌ବୀ ଇଣ୍ଡିଆ ଡେଭଲପମେଣ୍ଟ ଅଫିସର ଧୀରେନ କୁମାର ରାଉତ, ରଗବୀ ଡେଭଲପମେଣ୍ଟ ମ୍ୟାନେଜର ବିକାଶ କୁମାର ଚଉରେସିୟା ଓ ଝାଡେଶ୍ୱରୀ କ୍ଲବର ସମ୍ପାଦକ ପ୍ରାଥସାରଥୀ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ମହାପାତ୍ରଙ୍କ ତତ୍ୱବଧନାରେ ମହିଳା ମେଗା ଇଭେଣ୍ଟ ସୁପରିଚାଳିତ ହେବ।

### ● ମହାପ୍ରଭୁଙ୍କୁ ଦର୍ଶନକଲେ ପଦ୍ମଶ୍ରୀ ଶଙ୍କର ମହାଦେବନ୍

# 'ନୂଆ ଅନୁଭୂତି ଦେଉଛି ପରିକ୍ରମା ପ୍ରକଳ୍ପ'

**ପୁରୀ, ୮।୧(ସମିସ):** ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ପଦ୍ମଶ୍ରୀ ଶଙ୍କର ମହାଦେବନ୍ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନରେ ପଦ୍ମଶ୍ରୀ ଶଙ୍କର, ତାଙ୍କ ପତ୍ନୀ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଯାତ୍ରୀ ପଣ୍ଡା ସାଥୀରେ ନେଇ ମନ୍ଦିରକୁ ଯାଇଥିଲେ। ସିଂହଦ୍ୱାର ଦେଇ ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢ଼ା ପରିସର ବୁଲି ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ତେବେ ମନ୍ଦିର ଭିତରକୁ ପ୍ରବେଶ କରିବା ପୂର୍ବରୁ ଏକ ସୁନ୍ଦର ଭଜନ ଗାଇଥିଲେ ଏହି ପ୍ରଖ୍ୟାତ କଣ୍ଠଶିଳ୍ପୀ। ପ୍ରାୟ ଦେଢଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ମନ୍ଦିରରେ ରହିବା ପରେ ଫେରିଥିଲେ ଶଙ୍କର। ସିଂହଦ୍ୱାରଠାରୁ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଥିଲେ ଯେ, ସପରିବାର ଭଲ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲୁ। ମହାପ୍ରଭୁଙ୍କ ଦର୍ଶନ ସାଙ୍ଗକୁ ଶ୍ରୀକ୍ଷେତ୍ର ଆସୁଥିବା ଭକ୍ତମାନେ ଏବେ ନୂଆ ଅନୁଭୂତି ନେଇ ଫେରୁଛନ୍ତି। ମୋର ସୌଭାଗ୍ୟ ମୁଁ ପ୍ରଭୁ ଜଗନ୍ନାଥଙ୍କର ଏହି ପରିକ୍ରମା ପ୍ରକଳ୍ପ ଦେଖିବାର ସୁଯୋଗ ପାଇଲି। ଚାରିଧାମ ମଧ୍ୟରୁ ଶ୍ରେଷ୍ଠ ଧାମ ଶ୍ରୀଜଗନ୍ନାଥଙ୍କ ଧାମ ଶ୍ରୀକ୍ଷେତ୍ର ଏବେ ନୂଆ ରୂପ ନେବାରେ ଲାଗିଛି। ଶ୍ରୀମନ୍ଦିର ଚତୁଃର୍ପାଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କୁ ଏକ ନୂଆ ଅନୁଭୂତି ଆଣିଦେଉଛି। ମହାପ୍ରଭୁଙ୍କର ଜଣେ ଭକ୍ତ ହିସାବରେ ଏହି ପ୍ରକଳ୍ପ କାର୍ଯ୍ୟକୁ ମୁଁ ମଧ୍ୟ ସ୍ୱାଗତ କରୁଛି ବୋଲି କହିଛନ୍ତି ଗାୟକ ଶଙ୍କର।









ସକାଳ
THE SAKALA



www.sakalaepaper.com

# ବୁଲିଲା ଅର୍ପଣ ରଥ; ଗାଁ ଗାଁରେ ଭବ୍ୟ ସ୍ୱାଗତ

ନୟାହାଟ,୮ ।୧(ସମିସ): ପୁରୀଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ତଳୀ ଓ ଧୁମାଳ ପଞ୍ଚାୟତରେ ସୋମବାର ଦିନ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରି ଗୁଆ ଓ ଅକ୍ଷତ ସଂଗ୍ରହ କରାଯାଇଛି । ଧୁମାଳ ପଞ୍ଚାୟତରେ ସରପଞ୍ଚ ମନାଲିସା ସିଂ ରଥକୁ ଉଦ୍‌ଘାଟନ କରିଥିବା ବେଳେ ଧୁମାଳ ପଞ୍ଚାୟତରେ ସରପଞ୍ଚ ରିଷିନ୍ନା ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ରଥ ପରିକ୍ରମା କାର୍ଯ୍ୟକ୍ରମରେ ଦେସ୍ତଳୀ ପଞ୍ଚାୟତର ସମାଜସେବୀ ମକରଧ୍ୱଜ ସ୍ୱାଇଁ , ବିଜେଡି ସଭାପତି ସନାତନ ରଥ , ୧୪ ନଂ ଜିଲ୍ଲାପରିଷଦ ସଭ୍ୟା ସାଗରିକା ନାୟକ,ସରପଞ୍ଚ ସୁମନ୍ତ କୁମାର ମଲ୍ଲିକ ,ପଞ୍ଚାୟତ ଭାରପ୍ରାପ୍ତ ଅଧିକାରୀ ଶିଶିର କୁମାର ମଲ୍ଲିକ ପିଣ୍ଟୁ ପଲେଇ ,ପବିତ୍ର କୁମାର ଆଚାର୍ଯ୍ୟ,ରଶ୍ମିରଞ୍ଜନ ବିଶ୍ୱାଳ ,ଲକ୍ଷ୍ମୀନାରାୟଣ ମହାନ୍ତି ,ସ୍ୱାଧୀନ ମହାନ୍ତି ସହିତ ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତି ମହିଳା ଯୋଗ ଦେଇଥିଲେ । ସେହିପରି ଧୁମାଳ ପଞ୍ଚାୟତରେ ଯୁବ ନେତା ଅଭି ସିଂ,ସମିତି ସଭ୍ୟା ଭାନୁମତି ମାଣିକ ,ସହଦେବ ମାଣିକ ,ସଭାପତି ଆଲୋକ ରାୟ ସହିତ ପଞ୍ଚାୟତରେ ଅଙ୍ଗନବାଡି କର୍ମୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ,ସହିତ ମହିଳା ମହାସଂଘ ସଦସ୍ୟା ଉପସ୍ଥିତ ଥିଲେ । ରଥ ପରିକ୍ରମା ସମୟରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ଦୁଇଟି ଟିମ୍ କରି ସୁରକ୍ଷା ଦେଇଥିଲେ ।






**କୃଷ୍ଣପ୍ରସାଦ:** ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମାବେଶ ଆଡ଼ମ୍ବର ସହକାରେ ପାଳିତ ହେବ । ଏନେଇ କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ନିମନ୍ତେ ଅର୍ପଣ ରଥର ଶୁଭ ଅନୁକୂଳ ହୋଇଯାଇଛି । ସୋମବାର ଦିନ ପଣସପଦା,ଚିଲିକା ନୂଆପଡ଼ା, ମାଲୁଦ, ବଡ଼ଝାଡ଼ ପଞ୍ଚାୟତରେ ସୁସଜ୍ଜିତ ଅର୍ପଣ ରଥ ପରିଭ୍ରମଣ କରିଥିଲା । ସଂକୀର୍ତ୍ତନ ମଣ୍ଡଳୀ ସହିତ ପ୍ରତିଟି ଘରକୁ ଯାଇ ଗୁଆ,ଚାଉଳ ସଂଗ୍ରହ କରିଥିଲେ । ୨୧ଟି ପଞ୍ଚାୟତର ସମସ୍ତ ଗ୍ରାମ ବୁଲିବା ପାଇଁ ୩ଟି ଅର୍ପଣ ରଥ ଆସିଥିବା ନୋଡ଼ାଲ ଅଧିକାରୀ ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ,ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ,ମନୋଜ କୁମାର ସ୍ୱାଇଁ,ଚିଲିକା ନୂଆପଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ପ୍ରଧାନ,ଏପିଓ ଅଭିନ୍ନ କୁମାର ପଲାଇ,ସୌଭାଗ୍ୟ କୁମାର ବଳିୟାରସିଂହ ପ୍ରମୁଖ ସହଯୋଗ କରୁଛନ୍ତି ।

**ଡେଲାଙ୍ଗ:** ଡେଲାଙ୍ଗ ବ୍ଲକର ଜେନାପୁର,ଚାଇଁପୁର ଓ ସିଂହବ୍ରହ୍ମପୁର ପଞ୍ଚାୟତ ପକ୍ଷରୁ ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ସୋମବାର ଭବ୍ୟ ସ୍ୱାଗତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଗୋବିନ୍ଦପୁରସ୍ଥିତ ନିଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରୁ ଅର୍ପଣ ରଥକୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ସତ୍ୟଭମା ଜେନା,ଗ୍ରାମରୋଜଗାର ସେବକ ପବିତ୍ର ପରିଡ଼ା,ପଞ୍ଚାୟତ ନିର୍ବାହୀଅଧିକାରୀ ଦୁର୍ଯ୍ୟାଧନ ଜେନା,ସଚିକାନ୍ତ ଜେନା,ନରହରି ବାରିକ ପ୍ରମୁଖ ରଥକୁ ପଞ୍ଚାୟତ ପରିକ୍ରମା କରାଇଥିଲେ । ସେହିପରି ଚାଇଁପୁର ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ବରାଳଙ୍କ ନେତୃତ୍ୱରେ ଛାତ୍ର ସଭାପତି ସୁଦୀପ୍ତ ନାୟକ ଓ ପଞ୍ଚାୟତବାସୀ କାଳୁପଡାସ୍ଥିତ ପତିତପାବନ ମନ୍ଦିର ପ୍ରାଙ୍ଗଣରୁ ରଥକୁ ଭବ୍ୟ ସ୍ୱାଗତ କରି ପଞ୍ଚାୟତ ପରିକ୍ରମା କରାଇଥିଲେ । ସିଂହବ୍ରହ୍ମପୁରସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରୁ ରଥକୁ ଭବ୍ୟ ସ୍ୱାଗତ ଜଣାଇ ପଞ୍ଚାୟତ ପରିକ୍ରମା କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ,୧୫ନଂ ଜୋନ ଜିଲ୍ଲା ପରିଷଦ ପ୍ରଜ୍ଞା ଛୋଟରାୟ , ରୋହିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅର୍ପଣ ରଥକୁ ପଞ୍ଚାୟତବାସୀ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ଗୁଆ ଓ ଅକ୍ଷତ ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ ।



**ସାକ୍ଷୀଗୋପାଳ:** ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ଲୋକମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନ ଦେଉଛନ୍ତି । ଦଳ ବଳ ନିର୍ବିଶେଷରେ ସମସ୍ତେ ଏକକାର ହୋଇ ପଡିଛନ୍ତି ।ଏହି ଅବସରରେ ସତ୍ୟବାଦୀ ବ୍ଲକର ଆଳିସ, ନରେନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର ଓ ବଳରାମପୁରଗଡ ପଞ୍ଚାୟତରେ ସୁସଜିତ ରଥ ପରିକ୍ରମା କରିଛି । ରଥ ପରିକ୍ରମା ବାଟରେ ମହିଳାମାନେ ରଙ୍ଗୋଲି , ଝୋଟିଚିତା ପକାଇ ରଥକୁ ବନ୍ଦାପନା କରିଥିଲେ । ଆଳିସ ପଞ୍ଚାୟତର ଚୁରାଳି ଗ୍ରାମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଦୀପ, ଧୂପ, ଓ ନଡିଆ ବାଡେଇ ଉକ୍ତ ରଥର ଶୁଭାରମ୍ଭ କରିଥିଲେ । ତାଙ୍କ ସହିତ ବ୍ଲକର କର୍ମଚାରୀ ଓ ଜିଲ୍ଲାପରିଷଦ ସଭ୍ୟ ନାରାୟଣ ରାଉତରାୟଙ୍କ ସହିତ ବିଭିନ୍ନ ପଞ୍ଚାୟତର ପୂର୍ବତନ ସରପଞ୍ଚ,ସମିତି ସଭ୍ୟ ଓ ମିଶନଶକ୍ତି ମହିଳା ମାମାନଙ୍କ ସହିତ ସଂକୀର୍ତ୍ତନ ମଣ୍ଡଳୀ ରଥ ସହିତ ଗ୍ରାମ ପରିକ୍ରମା କରିଥିଲେ । ସେହିପରି ନରେନ୍ଦ୍ରପୁର ପଞ୍ଚାୟତର ବେଣାକେରା ଗ୍ରାମରେ ମା'ଡୁଗୁରେଇ ଠାକୁରାଣୀଙ୍କ ପୀଠରେ ରଥ ପହଞ୍ଚିବା ପରେ ସେଠାରେ ଅପେକ୍ଷା ରତ ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ବ୍ଲକର ବିପିଏମ ଶାଶତୀ ଦାଶ, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ମହାପାତ୍ର, ପୂର୍ବତନ ସରପଞ୍ଚ ବସନ୍ତ ରାଉତରାୟ, ପଞ୍ଚାୟତ ସଭାପତି ଚନ୍ଦ୍ରମଣି ଜେନା, ସରପଞ୍ଚ ଗୌରାଙ୍ଗ ମଲିକ, ସମିତିସଭ୍ୟା ଝରଣା ମଲିକ, ଶିବ ପ୍ରସାଦ ନାୟକ, ପିୟ ରଞ୍ଜନ ମହାପାତ୍ର ଓ ମିଶନଶକ୍ତିର ମାମାନେ ରଥକୁ ବନ୍ଦାପନା କରି ଗ୍ରାମ ଅଭିମୁଖେ ପାଛୋଟି ନେଇଥିଲେ । ରଥ ପ୍ରଥମେ ବେଣାକେରା,ନରେନ୍ଦ୍ରପୁର ପାଇକସାହି, ଚଉଦଗୁଣ୍ଠ ଓ ଘାସିଭବାନିପୁର ଗ୍ରାମ ପରିକ୍ରମା କରିଥିଲା । ସଂଗ୍ରହ କରାଯାଇଥିବା ଗୁଆ ଓ ଅକ୍ଷତକୁ ଗ୍ରାମ କୋଠଘର, ଭଗବତ ଘର, ବିଭିନ୍ନ ସ୍ଥାନରେ ରଖାଯିବା ପରେ ଏକାଠି କରାଯାଇ ପୁରୀ ପଠାଯିବ ବୋଲି ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଠାରୁ ସୂଚନା ମିଳିଛି । ସେହିପରି ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ସରପଞ୍ଚ ଜିତେନ୍ଦ୍ର ବେହେରାଙ୍କ ସହିତ ବ୍ଲକର କର୍ମଚାରୀ ଓ ଗ୍ରାମର ଯୁବକ, ମାମାନେ ରଥକୁ ଗ୍ରାମ ପରିକ୍ରମା କରିଥିଲେ । ଅନୁରୂପ ଭାବେ ବଳରାମପୁରଗଡ ପଞ୍ଚାୟତରେ ମଧ୍ୟ ସେହିପରି ଜଗନ୍ନାଥ ସମର୍ପଣ ରଥ ପରିକ୍ରମା କରିଛି ।




● ଶାରଳା କପ୍ କ୍ରିକେଟ

## ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ

ଅସ୍ତରଙ୍ଗ,୮ ।୧(ସମିସ) ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନରେନ୍ଦ୍ର ଷ୍ଟାଡିୟମରେ ଶାରଳା ସ୍ପୋର୍ଟିଂ କ୍ଲବ ତରଫରୁ ଆସନ୍ତା ୨୬ତାରିଖ ଠାରୁ ୭ଦିନ ବ୍ୟାପି ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏନେଇ କ୍ଲବ ପକ୍ଷରୁ ଖେଳର କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ବିଜୟୀ ଦଳକୁ ଟ୍ରଫି ସହିତ ୩୧.୧୧୧ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୧.୧୧୧ ହଜାରଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି ସଭାପତି ଯୁଗଳ କିଶୋର ମହାନ୍ତି ସୂଚନା ଦେଇଛନ୍ତି । ପ୍ରତ୍ୟେକ ଦିନ ପ୍ରଦର୍ଶିତ ଖେଳରେ ଛକା, ଚଉକା ଓ ବ୍ୟକ୍ତିଗତ ରନ୍ ପାଇଁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି ଉପସଭାପତି ପ୍ରକାଶ କୁମାର ବେହେରା ସୂଚନା ଦେଇଛନ୍ତି । ମ୍ୟାଚ୍ ଗୁଡିକ ମ୍ୟାଟ୍ ସହିତ କର୍କ ବଲ୍‌ରେ ୨୦ ଓଭର୍ ବିଶିଷ୍ଟ ଖେଳା ଯିବ ବୋଲି କ୍ଲବ୍ ପକ୍ଷରୁ ସମ୍ପାଦକ ଦୁର୍ଗା ଚରଣ ମହାରଣାଙ୍କ ଦ୍ୱାରା ସୂଚନା ଦିଆଯାଇଛି । ଚଳିତ ବର୍ଷର କାର୍ଯ୍ୟସୂଚୀ ହେଲା ପ୍ରଥମ ଦିନ ୨୬ତାରିଖ କୁମାରବସ୍ତ ଖୋର୍ଦ୍ଧା ବନାମ ଜେଡ଼ିୱାଇଏସି ଜଗତସିଂହପୁର, ୨୭ତାରିଖ ବିହାରଲାଲ ସ୍ପୋର୍ଟିଂ ଭୁବନେଶ୍ୱର ବନାମ ଡିଆରସି ପାରାଦ୍ୱୀପ,୨୮ ତାରିଖ ଯଦୁପୁର ଭୁବନେଶ୍ୱର ବାନାମ ଟାଉନ କ୍ଲବ ନିମାପଡ. ୨୯ତାରିଖ ଡିସିସି କନ୍ଧମାଳ ବନାମ ଏସଜି ସ୍ପୋର୍ଟିଂ ସୁନ୍ଦର ଗ୍ରାମ କଟକ ଥିବା ବେଳେ ୩୦, ୩୧ପ୍ରଥମ ଦ୍ୱିତୀୟ ସେମିଫାଇନାଲ ଏବଂ ଫେବୃଆରୀ ୪ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି ।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ

ଗୋପ,୮ ।୧(ସମିସ): ସୋମବାର ନିମାପଡ଼ା-ଗୋପ ନିର୍ବାଚନ ମଣ୍ଡଳୀ ଅଧିନ ଗୋପ ବ୍ଲକ୍‌ର ୧୪ଟି ପଞ୍ଚାୟତର ବରିଷ୍ଠ ନେତୃତ୍ୱମାନଙ୍କୁ ନେଇ କୁଶୁପୁରସ୍ଥିତ ଶୁଭପ୍ରଭା କଲ୍ୟାଣ ମଣ୍ଡପରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳ ଗୋପ ବ୍ଲକ୍ ସଭାପତି ମଧୁସୂଦନ ପାଇକରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାଶ ଯୋଗ ଦେଇ ସାଂଗଠନିକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ସେହିପରି କେଉଁ ପଞ୍ଚାୟତରେ କ'ଣ ସମସ୍ୟା ରହିଛି ଆଲୋଚନା କରିଥିଲେ । ୱାଡର୍ କମିଟି ଗୁଡ଼ିକୁ ନିର୍ବାଚନ ପୂର୍ବରୁ କ୍ରୀୟାଶୀଳ କରିବା ସହ କର୍ମୀମାନଙ୍କୁ ଜନସାଧାରଣଙ୍କ ନିକଟତର ହେବାକୁ ପରାମର୍ଶ ଦେଇଥିଲେ । ଆଗାମୀ ନିର୍ବାଚନରେ ଯେପରି ବିଜୁ ଜନତା ଦଳକୁ ବହୁ ଜନ ସମର୍ଥନ ମିଳିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ଜିତାଇବା ନେଇ କାର୍ଯ୍ୟ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନଗର ବିଜୁ ଜନତା ଦଳ ସଭାପତି ଜୀବନାନନ୍ଦ ମହାପାତ୍ରଙ୍କୁ ୧୪ ପଞ୍ଚାୟତର ନିର୍ବାଚନ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନିମାପଡ଼ା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ସଂପାଦକ ରବୀନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ୍, କରୁଣାକର ସାହୁ, ପୁନେଶ କୁମାର ସେନାପତି, ଯୁବ ପର୍ଯ୍ୟବେକ୍ଷକ ନିରଞ୍ଜନ ଶଗଡ଼ିଆ, ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ୧୪ ପଞ୍ଚାୟତର ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ଥିଲେ ।

● ରାଜ୍ୟସ୍ତରୀୟ ନିମାପଡା କପ୍ କ୍ରିକେଟ,

## ସେମିରେ ମାଷ୍ଟର କ୍ଲବ୍ କଟକ



ନିମାପଡା,୮।୧(ସମିସ): ନିମାପଡା ବାରବାଟୀ ପଡିଆରେ ନିମାପଡା ଆଥିଲେଟିକ ଆସୋସିଏସନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ନିମାପଡା କପ୍ ତଥା କିଶୋର ପଣ୍ଡା କ୍ରିକେଟ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଥିଲା । ଏହି ମ୍ୟାଚ୍‌ରେ ଡିଆରକେ ବାରିପଦାକୁ ହରାଇ ମାଷ୍ଟର କ୍ଲବ କଟକ ସେମିରେ ପ୍ରବେଶ କରିଛି । ଡିଆରକେ ବାରିପଦା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୯.୫ ଓଭରରେ ସମସ୍ତ ୱିକେଟ ହରାଇ ୧୫୭ରନ ସଂଗ୍ରହ କରିଥିଲା । ଜବାବରେ ମାଷ୍ଟର କ୍ଲବ ବ୍ୟାଟିଂ କରି ମାତ୍ର ୨୬.୫ ଓଭରରେ ୬ଟିୱିକେଟ ହରାଇ ବିଜୟୀ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲକୁ ଉନ୍ନିତ ହୋଇଛି । ବିଜୟୀ ଦଳର ଖେଳାଳି ରୋହିତ ସାଗରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା । ଦେବେନ୍ଦ୍ର ମିଶ୍ର ଓ ତ୍ରିଭୁବନ ନାଥ ଦାଶ ଅମ୍ପୋୟାର ଦାୟିତ୍ୱ ତୁଲାଇଥିଲେ । ମଙ୍ଗଳବାର ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱର ସହିତ ମାଷ୍ଟର କ୍ଲବ୍ କଟକ ମଧ୍ୟରେ ପ୍ରଥମ ସେମିଫାଇନାଲମ୍ୟାଚ୍ ଖେଳାଯିବ ବୋଲି ସଂପାଦକ ଅକ୍ଷୟ ବେହେରା ସୂଚନା ଦେଇଛନ୍ତି ।

## ବିଜେଡି କର୍ମୀ ବୈଠକ ଓ ସଂକଳ୍ପ ସମାବେଶ



କାକଟପୁର/ଗମ୍ଭାରୀପଦା,୮ ।୧(ସମିସ): କାକଟପୁର ବ୍ଲକ ଅନ୍ତର୍ଗତ ୭ନଂ ଜୋନ ବିଜେଡି ପକ୍ଷରୁ ବ୍ଲକ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକଙ୍କ ସଭାପତିତ୍ୱରେ କୁଣ୍ଢେଇ ପଞ୍ଚାୟତ ଅଧିନସ୍ଥ କୁଣ୍ଢେଇଶୁଣୀଙ୍କ ପୀଠରେ କର୍ମୀ ବୈଠକ ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି ।ଏହି ସମାବେଶରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା,ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ,ଜୋନ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, ପୂର୍ବତନ ବ୍ଲକ ଅଧକ୍ଷ କବିରାଜ ବିଶ୍ୱାଳ,ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, କାଦୁଆ ନୂଆଗାଁ ପଞ୍ଚାୟତର ବରିଷ୍ଠ ବିଜେଡି ନେତା କୈଳାସ ଚନ୍ଦ୍ର ଲେଙ୍କା,ଆରତୀ ପ୍ରହରାଜ ପ୍ରମୁଖ ଯୋଗଦେଇ ଓଡ଼ିଶାର ବିକାଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନପ୍ରିୟ ଯୋଜନା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ କହିଥିଲେ । କୁଣ୍ଢେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁଭ୍ରଜିତ୍ ମଲ୍ଲ,ବିପିନ ବିହାରୀ ନାୟକ, ହିମାଂଶୁ ଦୀକ୍ଷିତ, କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ ପ୍ରମୁଖ ସମାବେଶରେ ସହଯୋଗ କରିଥିଲେ ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ




କୃଷ୍ଣପ୍ରସାଦ,୮ ।୧(ସମିସ):ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତର ଗୋପୀନାଥ ଉଚ୍ଚ ବିଦ୍ୟାପୀଠ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷକ୍ଷ ସରୋଜିନୀ ତରେଇ ମୁଖ୍ୟ ଅତିଥି,ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ଗୋମୁଣ୍ଡିଆ ପଞ୍ଚାୟତ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ଚିଲିକା ନୂଆପଡ଼ା ପଞ୍ଚାୟତ ସରପଞ୍ଚ କବିତା ଜେନା,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ,କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ,ବ୍ଲକ ଅଧକ୍ଷକ୍ଷଙ୍କ ପ୍ରତିନିଧି ବିଜୟ କୁମାର ତରେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହକି,ଫୁଟବଲ, ଭଲିବଲ,ଖୋ ଖୋ, କବାଡି, କ୍ରିକେଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୯୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।ଏଥି ନିମନ୍ତେ ବ୍ଲକର ୪ଟି ଜୋନ ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟ,ହରିହର ନୋଡ଼ାଲ ବିଦ୍ୟାପୀଠ,ମାଲୁଦ ହାଇସ୍କୁଲ ଓ ଗୋପୀନାଥ ବିଦ୍ୟାପୀଠ କ୍ରୀଡାଙ୍ଗନରେ ପ୍ରତିଯୋଗିତା ଗୁଡ଼ିକ ଆୟୋଜନ କରାଯାଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗି ମାନଙ୍କୁ ମାନପତ୍ର ସହିତ ଆର୍ଥିକ ରାଶି ଅତିଥି ମାନଙ୍କ ଦ୍'ାରା ପ୍ରଦାନ କରାଯାଇଥିଲା । ବ୍ଲକ କ୍ରୀଡ଼ା ଜୋନ୍ ସମ୍ପାଦକ ଅଜିତ କୁମାର ବାରିକୀ,ପୂର୍ବତନ କ୍ରୀଡ଼ା ଜୋନ ସମ୍ପାଦକ ପଦ୍ମ ଚରଣ ଜେନା,ଅଶୋକ କୁମାର ସାମଲ,ପ୍ରକାଶ କୁମାର ସିଂହ,ପ୍ରମୋଦ କୁମାର ସାହୁ, ଅଶୋକ କୁମାର ପ୍ରଧାନ,ସିଆରସିସି ପ୍ରଦୀପ କୁମାର ପଲେଇ ସମେତ ସମସ୍ତ ଖେଳ ଶିକ୍ଷକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ କଣାସ ବ୍ଲକ ଗସ୍ତ



କଣାସ,୮ ।୧(ସମିସ): ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ସୋମବାର କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟ ସୁରକ୍ଷା ଯୋଜନାର ସଫଳ କାର୍ଯ୍ୟକାରିତା ସଂପର୍କରେ ତଦାରଖ କରିଥିଲେ । ଶ୍ରୀସାମନ୍ତରାୟ କଣାସ ବ୍ଲକର ଇଛାପୁର ପ୍ରାଥମିକ, କଖାରୁବସ୍ତ ପ୍ରାଥମିକ, ବଡାସ ଉଚ୍ଚ ପ୍ରାଥମକି, ଏକେଏସ୍‌ଏସ୍ ଉଚ୍ଚ ପ୍ରାଥମିକ, ଅନନ୍ତେଶ୍ୱର ଉନ୍ନିତ ଉଚ୍ଚ ପ୍ରାଥମିକ, ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ , ଛୋଟିଯୋଡି ପ୍ରାଥମିକ, ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ଓ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପହଞ୍ଚି ମଧ୍ୟାହ୍ନଭୋଜନ ସଂପର୍କିତ ସମସ୍ତ କାର୍ଯ୍ୟକ୍ରମର ତଦାରଖ ସହିତ ପରିବେଶ, ପରିମଳ, ସ୍ୱଚ୍ଛତା ଓ ପାନୀୟଜଳ ଆଦି କିପରି କାର୍ଯ୍ୟକାରି ହେଉଛି ଅନୁଧାନ କରିଥିଲେ । ସେହିପରି କଣାସ ବ୍ଲକରେ ଥିବା ତେନ୍ତୁଳିମୂଳ, ସବଳଙ୍ଗ-୧, ୨, କଖାରୁବସ୍ତ, ବଡାସ-୧,୨, ଭାଟପଡା, ରାଣିପଡା ଓ ଛୋଟିଯୋଡି-୧,୨, ଅଙ୍ଗନବାଡିକେନ୍ଦ୍ର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନରମାନ ଓ ସ୍ୱଚ୍ଛତା, ଓଜନ ଓ ଉଚ୍ଚତା, ପରିବେଶ, ଔଷଧ ବଣ୍ଟନ ଓ ଗର୍ଭବତୀ ମହିଳାଙ୍କ ପାଇଁ କେନ୍ଦ୍ରରେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ ।

## ଦୁର୍ଗାଦାସପୁର ସମିତିରେ ଖୋଲିଲା ଧାନମଣ୍ଡି

ପିପିଲି,୮ ।୧(ସମିସ) : ପିପିଲି ବ୍ଲକ ଦୁର୍ଗାଦାସପୁର ପ୍ରାଥମିକ ସେବା ସମବାୟ ସମିତିରେ ବିହନ ସଗ୍ରହ ନିମନ୍ତେ ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି । ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନରେ ୧୪ ଜଣ ଚାଷୀ ୫୫୫ କ୍ୱିଣ୍ଟାଲ ଧାନ ଦେଇଥିଲେ । ସାଇକୃପା ରାଇସ ମିଲ ଧାନ ସଂଗ୍ରହ କରିଥିଲା । ଏହି ଧାନ ମଣ୍ଡରେ ଅନ୍ୟତମ ଅତିଥି ଭାବରେ ପୁରୀ ନିମାପଡ଼ା ସେବା ସମବାୟ ସମିତିର ସଭାପତି କିଶୋର ଛୋଟରାୟ ସାଂସଦଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ ଦୁର୍ଗାଦାଶପୁର ସରପଚ ବିଭୂତି ଭୂଷଣ ନାଥ ଦୁର୍ଗାଦାସପୁର ସେବା ସମବାୟ ସମିତିର ସଭାପତି ବିଶ୍ୱଜିତ ଦାଶ ବ୍ଲକ ଅଧକ୍ଷା ଦେବସ୍ୱନୀ ନନ୍ଦ ସମବାୟବିତ୍ ସଦାଶିବ ଦାଶ ସେବା ସମବାୟ ସମିତିର ସମ୍ପାଦକ ଜ୍ୟୋର୍ତୀମୟୀ ଦାଶ ସମବାୟ ସମ୍ପ୍ରସାରଣ ଅଧିକାରୀ କମଳ ଆଚାର୍ଯ୍ୟ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜିତେନ୍ଦୁ ଦାଶ ଜଗତ ବଲ୍ଲଭ ଖଟେଇ ପ୍ରମୁଖ ଯୋଗ ଦେଇଥିଲେ ।

## ରଶି ଲଗାଇ ବୃଦ୍ଧାଙ୍କ ଆତ୍ମହତ୍ୟା

ନିମାପଡା,୮।୧(ସମିସ): ନିମାପଡା ଥାନା ଅଧିନସ୍ଥ ଦହିଜଙ୍ଗ ଗ୍ରାମର ଲବଙ୍ଗ ପ୍ରଧାନ (୯୩)ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଖବରରୁ ଜଣାଯାଇଛି ଯେ ସୋମବାର ମଧ୍ୟାହ୍ନରେ ବୃଦ୍ଧା ଲବଙ୍ଗ ପାଖରେ ଥିବା ଏକ ଚାଳଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଏନେଇ ତାଙ୍କ ପୁଅ କିଶୋର ନିମାପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଦୀର୍ଘଦିନ ହେବ ମାଆ ରୋଗରେ ପିଡିତ ଥିଲେ । ମାଆ ଯନ୍ତ୍ରଣା ସହିନପାରି ଆତ୍ମହତ୍ୟ କରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ପାଇ ନିମାପଡା ପୁଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

କଣାସ ବ୍ଲକରେ ଜନଶୁଣାଣି ଶିବିର

## ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

କଣାସ,୮ ।୧(ସମିସ): ପୁରୀଜିଲ୍ଲା କଣାସ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରର ସୋମବାର ଅନୁଷ୍ଠିତ ହେଇଥିଲା । ହେଲେ ଜିଲ୍ଲାପାଳ ଯୋଗ ଦେଇନଥିବାରୁ ଜନଅସନ୍ତୋଷ ଦେଖାଦେଇଛି । ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ କଣାସ ବ୍ଲକର ୨୮ଟି ପଞ୍ଚାୟତର ୧୩୯ଟି ରାଜସ୍ୱ ଓ ୧୦୮ଟି ପଡାଗ୍ରାମର ଜନସାଧାରଣଙ୍କୁ ଜନଶୁଣାଣି ଶିବିର ସଂପର୍କରେ ଜଣାଇ ଦିଆଯାଇନଥିବାରୁ ଜନଶୁଣାଣି ଶିବିର ଫାଙ୍କା ପଡିଥିଲା । ଏପରିକି କଣାସ ଅଞ୍ଚଳର କୌଣସି ସାମ୍ବାଦିକଙ୍କୁ ବିଡିଓ ଜନଶୁଣାଣି ଶିବିର ସଂପର୍କରେ ସୂଚନା ଦେଇନଥିଲେ । ବିଡିଓ ନାରାୟଣ ସାହୁଙ୍କୁ ଏସଂପର୍କରେ ପଚାରିବାରୁ କୁହନ୍ତି ଆମର ଜଣାଇବାକୁ ମନେ ପଡିଲା ନାହିଁ । ଶିବିରରେ ୨୪ଜଣ ଆଖପାଖ ଲୋକ ଅଭିଯୋଗପତ୍ର ଦାଖଲ କରିଥିବା ଜଣାପଡିଛି ।ଶିବିରରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ସହାୟକ ଜିଲ୍ଲାପାଳ ପ୍ରିୟଦର୍ଶିନି, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଏପିଡି, କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହି, ପଞ୍ଚାୟତ ସମିତ ଅଧକ୍ଷା ପ୍ରଭାତି ରାଉତ, ବିଡିଓ ନାରାୟଣ ସାହୁ ଉପସ୍ଥିତ ଥିଲେ । ମୁଖ୍ୟତଃ ଭୁବନେଶ୍ୱର ଗଙ୍ଗୁଆଜଳକୁ ଦୟାନଦୀକୁ ଛଡାଯାଉଥିବାରୁ ବନ୍ଦ ପାଇଁ ଅଶୋକ ପ୍ରଧାନ ଓ ଅନେକ ବୁଦ୍ଧିଜୀବୀ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଏହି ଜଳ ଦ୍ୱାରା ଦୟା, ମକରା, ରାଜୁଆ, ନଦୀର ଜଳ ପ୍ରଦୂଷିତ ହୋଇ ପିପିଲି, ଡେଲାଙ୍ଗ, କଣାସ, ବ୍ରହ୍ମଗିରୀ ଓ ଖୋର୍ଦ୍ଧା ଜିଲ୍ଲାର କେତେକ ଅଞ୍ଚଳ କୃଷକ, ମତ୍ସ୍ୟଜୀବୀଙ୍କ ଜୀବିକା ନଷ୍ଟ ହେଉଛି । ନଦୀପାଖ ଗ୍ରାମବାସୀ ଦୂଷିତ ନଦୀଜଳ ବ୍ୟବାହାର କରି ବିଭିନ୍ନ ରୋଗରେ ପଡୁଛନ୍ତି । ଏସଂପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।



# ଗଡ଼ିଲା 'ଅର୍ପଣ ରଥ'; ସଂଗ୍ରହ ହେଲା ଗୁଆ-ଅକ୍ଷତ



**ନୟାଗଡ଼, ୮।୧(ସମିସ):** ଘଣ୍ଟ, ହୁଳହୁଳିରେ କମ୍ପିଲା ନୟାଗଡ଼ ଜଗନ୍ନାଥ ମନ୍ଦିର ପରିସର। ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ନୟାଗଡ଼ରେ ଭକ୍ତିମୟ ପରିବେଶ। ଆଜିଠାରୁ ବୁଲିଲା ଅର୍ପଣ ରଥ। ହରିବୋଲ, ହୁଳହୁଳି ସାଙ୍ଗକୁ ସଂକୀର୍ତ୍ତନରେ କମ୍ପିଲା ପୁରୁଣା ସହର। ଆଜି ନୟାଗଡ଼ ଜଗନ୍ନାଥ ମନ୍ଦିର ପରିସରରେ ଅର୍ପଣ ରଥକୁ ଉଦ୍‌ଘାଟନ କରିଥିଲେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ପୁରୁଣା ସହରର ୭ ନମ୍ବର ଓ ୮ ନମ୍ବର ୱାର୍ଡରେ ଆଜି ଏହି ରଥ ବୁଲିଛି। ଆସନ୍ତା କାଲିଠାରୁ ସହରର ସମସ୍ତ ୱାର୍ଡରେ ବୁଲି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବ। ଆଜିର କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଓ ସମସ୍ତ କାଉନ୍‌ସିଲର ଉପସ୍ଥିତ ରହି ପୂଜାପାଠରେ ସାମିଲ ହୋଇଥିଲେ।

# ଜନଶୁଣାଣି ଶିବିର; ୨୭ ଅଭିଯୋଗର ତତ୍କାଳ ସମାଧାନ

**ଭାପୁର, ୮।୧(ସମିସ):** ନୟାଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ସୋମବାର ଭାପୁର ବ୍ଲକ କାର୍ଯ୍ୟାଳୟରେ ଏକ ଜନଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୭ଟି ତତ୍କାଳ ସମାଧାନ କରାଯାଇଛି। ସୋମବାର ନୟାଗଡ଼ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ଦିଲ୍ଲୀପ କୁମାର ବଳ ଏହି ଜନଶୁଣାଣି ଶିବିରରେ ଶୁଣାଣି କରିଥିଲେ। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ତହସିଲଦାର ଲଗ୍ନଜିତ ବେହେରା, ବିଡିଓ ରଣଜିତ କୁମାର ମଲ୍ଲିକ, ଏସ୍‌ଡିପିଓ ବିମଳ କୁମାର ବାରିକ, ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୮୨ଟି ଅଭିଯୋଗ ମଧ୍ୟରୁ ନିଜସ୍ୱ ୧୪୮ଟି, ୧୦ଟି ସାମୂହିକ ଓ ୨୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ଆବେଦନ ଥିଲା।

# ଖଣ୍ଡପଡ଼ା ଏନ୍‌ଏସିର ସାଧାରଣ ବୈଠକ



**ଖଣ୍ଡପଡ଼ା, ୮।୧(ସମିସ):** ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ୯ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ଣରେ ଏନ୍‌ଏସି ଅଧ୍ୟକ୍ଷା ଆରତି ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳକୁ ଅଧିକରୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ସମସ୍ତ ଜନପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମତୀ ପ୍ରଧାନ। ସହରାଞ୍ଚଳର ବିକାଶକୁ ବେଶ ଗୁରୁତ୍ୱ ଦେଉଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ବୈଠକରେ କହିଛନ୍ତି। ବିଭିନ୍ନ ୱାର୍ଡର ଡ୍ରେନ, ରାସ୍ତା ନିର୍ମାଣ, ନୂତନ କ୍ଲବ ଘର, ପୋଖରୀ ପୁନରୁଦ୍ଧାର ସହ ସୁନାମୁହିଁ ପାର୍କଠାରେ ନୂତନ ପୋଖରୀରେ ବୋଟିଂ ବ୍ୟବସ୍ଥା, ବ୍ଲକ ସମ୍ମୁଖରେ ସେଲ୍‌ଫି ପଏଣ୍ଟ, ମୁକ୍ତା ଯୋଜନାରେ ଆସ୍ଥାୟୀ ଶୌଚାଳୟ ଆଦି ବିଭିନ୍ନ ସାମୂହିକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବୈଠକରେ ଆଲୋଚନା ହୋଇଥିବା ଜଣାଯାଇଛି। ବୈଠକରେ ୩ ଜଣ କାଉନସିଲରଙ୍କ ବ୍ୟତୀତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଜିର ବୈଠକରେ ଉପସ୍ଥିତ ସମସ୍ତ କାଉନସିଲର ବିଭିନ୍ନ ପ୍ରସଙ୍ଗରେ ସହଯୋଗ କରିବା ନିମନ୍ତେ ନିଜର ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ସରୋଜ କୁମାର ପ୍ରଧାନ, ଦିଗାମ୍ବର ମିଶ୍ର, ଶ୍ୟାମ ସୁନ୍ଦର ରାମ, ସତ୍ୟପ୍ରିୟ ମହାପାତ୍ର, ବିଜୁଳି ଚୌଧୁରୀ, କୁମୁଦିନୀ ନାୟକ, ମୋନାଲି ପ୍ରିୟଦର୍ଶିନୀ ପ୍ରଧାନ, ପିଙ୍କି ସାହୁ, ବିମଳା ପ୍ରଧାନ, ଯତୀନ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଲାଲମୋହନ ପଟ୍ଟନାୟକ ଏବଂ ରଘୁନାଥ ସେଠୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଖଣ୍ଡପଡ଼ା ଥାନା ପକ୍ଷରୁ ପୁଲିସ ବଳ ମୁତୟନ କରାଯାଇଥିଲା।

ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# ସୁସ୍ଥ ଓଡ଼ିଶା ଗଠନରେ ସହାୟକ ହେବ 'ଯୁବ ଓଡ଼ିଶା ନବୀନ ଓଡ଼ିଶା'



**ନୟାଗଡ଼, ୮।୧(ସମିସ):** ନୟାଗଡ଼ ବ୍ଲକ ପକ୍ଷରୁ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ଦକ୍ଷିଣକାଳୀ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଯାପିତ ହୋଇଛି। ନୟାଗଡ଼ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ମୋଟ ୨୭ଟି କ୍ରିକେଟ ଟିମ୍ ଏହି କ୍ରୀଡ଼ା ଉତ୍ସବରେ ସାମିଲ ହୋଇଥିଲେ। ଗତ ୪ ତାରିଖରୁ ଏହା ଉଦ୍‌ଘାଟିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍ ଇଟାମାଟି ଓ ନୋତର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଇଟାମାଟି ଦଳ ବିଜୟଲାଭ କରିଛି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ସୁସ୍ଥ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ଏହି କ୍ରୀଡ଼ା ଉତ୍ସବ ନିଷ୍ପତ୍ତିକୁ ନେଇ ସେ କୃତଜ୍ଞତା ଜଣାଇଥିଲେ। ପ୍ରତ୍ୟେକ ଯୁବକମାନେ ପ୍ରତିଦିନ ଘଣ୍ଟାଏ ଲେଖାଏଁ ଯେ କୌଣସି ଖେଳ ଖେଳିବାର ଆବଶ୍ୟକତା ରହିଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ। କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରୁହେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଚାମ୍ପିଅନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଡିଓ ପଦ୍ମଚରଣ ସାହୁ ଓ ନୟାଗଡ଼ ପୌରାଞ୍ଚଳର ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା; ରିତିକଙ୍କୁ ସ୍ୱର୍ଣ୍ଣ



**ନୟାଗଡ଼, ୮।୧(ସମିସ):** ପୁରୀ ରାଣୀସତୀ ଭବନଠାରେ ଚଳିତ ମାସ ଜାନୁଆରୀ ୬ ଓ ୭ ତାରିଖରେ ୩୫ତମ ରାଜ୍ୟସ୍ତରୀୟ ସିନିଅର(ବରିଷ୍ଠ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରୁ ୧୫ଟି ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ୮ ଟି ୱେଟ କାଟାଗୋରୀ ପାଇଁ ପ୍ରତିଯୋଗିତା ହେଇଥିଲା। ନୟାଗଡ଼ ଜିଲ୍ଲାରୁ ଏମ. ରିତିକ ରଞ୍ଜନ ମହାପାତ୍ର ୬୩ କେଜି ୱେଟ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜସ୍ଥାନରେ ହବାକୁ ଥିବା ସିନିୟର ଜାତୀୟ ପ୍ରତିଯୋଗିତା ପାଇଁ ନୟାଗଡ଼ ଜିଲ୍ଲାରୁ ଏକ ମାତ୍ର ସେ ଓଡ଼ିଶା ଟିମ୍ ପାଇଁ ମନୋନୀତ ହୋଇଛନ୍ତି। ରିତିକ ବର୍ତ୍ତମାନ ଟାଏକ୍ୱୋଣ୍ଡୋ ଏକାଡେମୀ ଅଫ୍ ନୟାଗଡ଼ ମୁଖ୍ୟ କୋଚ୍ ଭାବେ ଶିକ୍ଷା ପ୍ରଦାନ କରୁଛନ୍ତି। ସେ ନୟାଗଡ଼ ଜିଲ୍ଲାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଟାଏକ୍ୱୋଣ୍ଡୋରେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେଇଥିବାରୁ ଓଡ଼ିଶା ଟାଏକ୍ୱୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

୨୦ରେ ଫତେଗଡ଼ ଆସିବେ ଶଙ୍କରାଚାର୍ଯ୍ୟ

# ଶ୍ରୀରାମ ଦର୍ଶନ ଓ ଧର୍ମସଭାରେ ଦେବେ ଉଦ୍‌ବୋଧନ

**ନୟାଗଡ଼, ୮।୧(ସମିସ)**

ନୟାଗଡ଼ ଜିଲ୍ଲା ଫତେଗଡ଼ ଆସିବେ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏନେଇ ଆଜି ଗୋବର୍ଦ୍ଧନ ପୀଠ ରାଷ୍ଟ୍ରିୟ ମାର୍ଗଦର୍ଶକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଫତେଗଡ଼ ଶ୍ରୀରାମ ପରିଷଦ ପକ୍ଷରୁ ହୋଟେଲ ନୀଳମାଧବଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗୋବର୍ଦ୍ଧନ ପୀଠ ପ୍ରବାସୀ ସମିତି ପ୍ରଭାରୀ ସୌରୀ ରଞ୍ଜନ ପଣ୍ଡା, ସଚିବ ବସନ୍ତ ରଥଶର୍ମା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ନୂତନ ଭାବେ ବଉଳମାଳ ପଥରରେ ଶ୍ରୀରାମ ମନ୍ଦିର ନିର୍ମାଣ କରାଯାଇଛି। ଫତେଗଡ଼ ଗ୍ରାମବାସୀ ତଥା ଶ୍ରୀରାମ ପରିଷଦ ସଭାପତି ବେଣୁଧର ପ୍ରଧାନ ଏହାର ମୁଖ୍ୟ ତତ୍ତ୍ୱାବଧାରକ ରହିଛନ୍ତି। ଏହି ସୁନ୍ଦର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ତିଥି ମୁତାବକ ୧୭ ତାରିଖରୁ ଆରମ୍ଭ ହେବ। ୧୭ ତାରିଖରେ ଅଙ୍କୁରାରୋପଣ କରାଯାଇ ପରମ୍ପରା ଅନୁସାରେ କାର୍ଯ୍ୟ କରାଯିବ। ଏଥିନିମନ୍ତେ ୨୦ ତାରିଖରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପୁରୀରୁ ନୟାଗଡ଼ ଗସ୍ତରେ ଆସିବେ। ଫତେଗଡ଼ ଗ୍ରାମରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଶଙ୍କରାଚାର୍ଯ୍ୟ ଅଧିଷ୍ଠିତ ହେବେ। ୨୦ ତାରିଖ ସନ୍ଧ୍ୟାରେ ଶଙ୍କରାଚାର୍ଯ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି। ୨୧ ତାରିଖରେ ଶ୍ରୀରାମ ମନ୍ଦିର ଯଜ୍ଞ ମଣ୍ଡପ ପରିଦର୍ଶନ ସହ ଗୁରୁପୂଜା କାର୍ଯ୍ୟକ୍ରମରେ ଯୋଗ ଦେବେ। ଉକ୍ତଦିନ ଶ୍ରୀରାମଙ୍କ ବିଗ୍ରହକୁ ପ୍ରଥମେ ଶଙ୍କରାଚାର୍ଯ୍ୟ ଦର୍ଶନ କରିବେ ବୋଲି ସୂଚନା ମିଳିଛି। ଏହା ପରେ ଫତେଗଡ଼ ଷ୍ଟାଡିୟମଠାରେ ଆୟୋଜିତ ଧର୍ମସଭାରେ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ରାଷ୍ଟ୍ରୀୟ ମାର୍ଗଦର୍ଶକ ପଣ୍ଡିତ ମିଶ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାପୁର ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଭରତ କୁମାର ବେହେରା ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

ସର୍ବଭାରତୀୟ ନୟାଗଡ଼ ଫୁଟବଲ୍ କପ୍

# ଟାଟା ଫୁଟବଲ୍ ଏକାଡେମୀ ବିଜୟୀ



**ନୟାଗଡ଼, ୮।୧(ସମିସ)**

ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍ ଦ୍ୱିତୀୟଦିନରେ ଟାଟା ଫୁଟବଲ ଏକାଡେମୀ ବନାମ ସ୍ପୋର୍ଟସ ଓଡ଼ିଶା କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଟା ଫୁଟବଲ୍ ଏକାଡେମୀ ୪-୦ ଗୋଲରେ ବିଜୟଲାଭ କରିଛି। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ଜିଲ୍ଲା ବିଜୁ ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ସମାଜସେବୀ ବିକାଶ କୁମାର ପ୍ରଧାନ ଓ ଅନ୍ୟତମ ସମାଜସେବୀ ରାଧେଶ୍ୟାମ ମହତା ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଖେଳକୁ ପରିଚାଳନା କରିଥିଲେ ରେଫରୀ ରାଜୁ ମହାନ୍ତି, ସଚିକାନ୍ତ ଦାଶିଆ, ଅଶୋକ କଅଁର, ପ୍ରସନ୍ନ ନାୟକ। ମ୍ୟାଚର କମିଶନର ହୋଇଥିଲେ କୋଚ୍ ଆଲୋକ କୁମାର ଦାସ। ଆଜିର ଖେଳକୁ ସଞ୍ଚାଳନ କରିଥିଲେ ସେକ୍ ଅବଦୁଲ୍ ଖାଲିକ ଓ ଆଶୁତୋଷ ମିଶ୍ର। ଆସନ୍ତାକାଲି ଆର୍ଟିଲେରି ସେଣ୍ଟର ହାଇଦ୍ରାବାଦ ବନାମ ୟୁନାଇଟେଡ୍ କ୍ଲବ ବରଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ଖେଳ ଦେଖିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ।

ମା' ଚିରିଣୀ ପ୍ରିମିୟର ଲିଗ୍

# କୁମ୍ଭାରପଡ଼ା ଓ ୱାଲିପୁର ବିଜୟୀ

**ଗଣିଆ, ୮।୧(ସମିସ):** ଗଣିଆସ୍ଥିତ ୱାଲିପୁର ଖେଳପଡ଼ିଆରେ ଚାଲିଥିବା ମା' ଚିରିଣୀ ପ୍ରିମିୟର ଲିଗ୍‌ର ପ୍ରଥମ କ୍ୱାର୍ଟର ଫାଇନାଲରେ ପତୁରିଆ ଓ ୱାଲିପୁର କ୍ରିକେଟ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପତୁରିଆ କ୍ରିକେଟ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ଟି ୱିକେଟ ହରାଇ ୫୨ ରନ୍ କରିଥିଲା। ଜବାବରେ ୱାଲିପୁର କ୍ରିକେଟ ଟିମ୍ ୫ ଓଭରରେ ୩ଟି ୱିକେଟ୍ ହରାଇ ୫୩ ରନ୍ କରି ବିଜୟୀ ହୋଇଥିଲା। ସେହିପରି ୨ୟ ମ୍ୟାଚରେ କୁମ୍ଭାରପଡ଼ା କ୍ରିକେଟ ଟିମ୍ ଓ ଭାଲିଆଡିହ କ୍ରିକେଟ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭାଲିଆଡିହ କ୍ରିକେଟ ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୮ଟି ୱିକେଟ୍ ହରାଇ ୬୩ ରନ୍ କରିଥିଲା। ଜବାବରେ କୁମ୍ଭାରପଡ଼ା



କ୍ରିକେଟ ଟିମ୍ ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ୬୧ ରନ୍ କରି ପରାସ୍ତ ହୋଇଥିଲା। ଆଜିର ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଗଣିଆ ସାମ୍ବାଦିକ ସଂଘର ସଭାପତି ବିଶ୍ୱରଞ୍ଜନ ସେଠୀ ଓ ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ସମୀର କୁମାର ବେହେରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ପରିଚାଳନା କରିଥିଲେ ବରିଷ୍ଠ ଖେଳାଳି ଚିତ୍ତରଞ୍ଜନ ଗଣ୍ଡିଆ ଓ ଚନ୍ଦ୍ରଶେଖର ଗଣ୍ଡିଆ।

ରାଜ୍ୟପାଳଙ୍କ ନୟାଗଡ଼ ଗସ୍ତ

# 'ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀକୁ ଉତ୍ତମ ଗୁଣବତ୍ତା ପ୍ରଦାନ କରନ୍ତୁ'



**ନୟାଗଡ଼, ୮।୧(ସମିସ)**

ରାଜ୍ୟପାଳ ରଘୁବର ଦାସ ନୟାଗଡ଼ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ରାଜ୍ୟପାଳ ନୟାଗଡ଼ ସର୍କିଟ ହାଉସ୍‌ଠାରେ ପହଞ୍ଚିଥିଲେ। ସେଠାରୁ ନୟାଗଡ଼ ବ୍ଲକ ଲେଙ୍କୁଡ଼ିପଡ଼ା ପଞ୍ଚାୟତ ଲେଙ୍କୁଡ଼ିପଡ଼ା-୨ ଅଙ୍ଗନବାଡ଼ି କେନ୍ଦ୍ରକୁ ଗସ୍ତ କରିଥିଲେ। ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ, ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜିଲ୍ଲା ପୁଲିସ ପକ୍ଷରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଅଙ୍ଗନବାଡ଼ି କର୍ମୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କହଁର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୌଦାମିନୀ ପଣ୍ଡାଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ସ୍ୱର୍ଣ୍ଣପ୍ରଭା ବେହେରା, ସହାୟିକା ଆଶାମଣୀ ସ୍ୱାଇଁ ପ୍ରମୁଖ ରାଜ୍ୟପାଳଙ୍କୁ ପାଛୋଟି ନେଇଥିଲେ। ଅଙ୍ଗନବାଡ଼ିରେ ପଢୁଥିବା ୧୮ ଶିଶୁଙ୍କୁ ରାଜ୍ୟପାଳ ଚକୋଲେଟ୍ ଦେଇଥିଲେ। ଜିଲ୍ଲାରେ କେତୋଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି ସେ ସମ୍ପର୍କରେ ରାଜ୍ୟପାଳ ପଚାରି ବୁଝିଥିଲେ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ବାପା ମାଆ ଭଳି ଯତ୍ନ ନିଅନ୍ତୁ। ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କ ଜନ୍ମଦିନ ପାଳନ ବେଳେ କେକ୍ ବଦଳରେ ଫଳ ଖୁଆଇ ପାଳନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। 'ସହି ପୋଷଣ, ଦେଶ୍ ରୋଶନ୍' ବୋଲି କହିବା ସହ ଶିଶୁଙ୍କ ପୋଷଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ରାଜ୍ୟପାଳ ହିତାଧିକାରୀଙ୍କ ସହିତ କଥା ହୋଇଥିଲେ। ସେଠାରୁ ଦର୍ପନାରାୟଣପୁର ଜନସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ଡାକ୍ତର ଏବଂ ରୋଗୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣରେ ନୟାଗଡ଼ ଜିଲ୍ଲା ପରିଷଦ ସଭାଗୃହ ସୃଜନଠାରେ ରାଜ୍ୟପାଳ ଜିଲ୍ଲାର ବୁଲି ଦେଖିଥିଲେ। ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀକୁ ଉତ୍ତମ ଗୁଣବତ୍ତା ପ୍ରଦାନ କରନ୍ତୁ ବୋଲି କହିଥିଲେ। ନିଜ ଅଞ୍ଚଳର ଜିନିଷକୁ ସମର୍ଥନ ଦେବା ସହ ତାହା କିଭଳି ଦେଶ ବିଦେଶରେ ନାଁ କରିବ ସେହି ଦିଗରେ ସହାୟତା କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଏହାପରେ ମାଛିପଡ଼ା ଉଚ୍ଚ ବିଦ୍ୟାଳୟ ଯାଇ ସେଠାରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଶଙ୍ଖେଇ ଗସ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପକୃତ ହୋଇଥିବା ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳାଙ୍କୁ ଭେଟିଥିଲେ। ଷ୍ଟଲ୍ ମାଧ୍ୟମରେ ନୟାଗଡ଼ ଛେନାପୋଡ଼ ଏବଂ ମାଣ୍ଡିଆରୁ ତିଆରି ଖାଦ୍ୟ ସାମଗ୍ରୀ ଦ୍ୱାରା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟପାଳ ଷ୍ଟଲ୍ ଦେଇଥିଲେ। ଏହାପରେ ରାଜ୍ୟପାଳ ନନ୍ଦିଘୋର ଗ୍ରାମକୁ ଯାଇ ସେଠାରେ ୨୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ଚାଷୀଙ୍କୁ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ।

## 'ଗାଁ ବିକଶିତ ହେଲେ ଦେଶ ବିକଶିତ ହେବ'




**ଓଡ଼ଗାଁ:** ରାଜ୍ୟପାଳ ରଘୁବର ଦାସ ଓଡ଼ଗାଁ ଗସ୍ତରେ ଆସି ନନ୍ଦିଘର ଗ୍ରାମପଞ୍ଚାୟତ କଲ୍ୟାଣିମଣ୍ଡପଠାରେ ୨୫୦ରୁ ଊର୍ଦ୍ଧ୍ୱ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ସହିତ ସରକାରଙ୍କ ଯୋଜନା ଓ ତାର ଉପଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଜଣେ ଭୂମିହୀନ ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ଭୂମି ସହିତ ଆବାସ ଯୋଗାଇବା ପାଇଁ ରାଜ୍ୟପାଳ ଜିଲ୍ଲାପାଳଙ୍କୁ କହିଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ରବୀନ୍ଦ୍ରନାଥ ସାହୁ, ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ନନ୍ଦିଘୋର ପଞ୍ଚାୟତ ସରପଞ୍ଚ ଶ୍ୱେତଲିନା ମିଶ୍ର ମଞ୍ଚାସୀନ ରହିଥିବା ବେଳେ ଚାଷୀ କୈଳାଶ ସିଠ ଶୀତଳ ଭଣ୍ଡାରର ଅଭାବ ଜଣାଇଥିଲେ। ଓଡ଼ଗାଁ ସାମ୍ବାଦିକ ସଂଘ ସଦ୍ୟମାନେ ରାଜ୍ୟପାଳଙ୍କୁ ଉତ୍ତରୀୟ ସହିତ ରଘୁନାଥଜୀଉଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ। ରାଜ୍ୟପାଳ ଆଜି ସନ୍ଧ୍ୟାରେ ଲଡୁବାବାଙ୍କୁ ଦର୍ଶନ କରିଥିଲେ।

ଭଙ୍ଗା ଦଦରା ଘରେ ୬ ପ୍ରାଣୀ ପରିବାର

# ରାଧାଙ୍କ ପାଇଁ ସପନ ପାଲଟିଛି 'ଆବାସ'



**ଭାପୁର, ୮।୧(ସମିସ):** ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଯୋଜନାରେ ହଜାର ହଜାର ପକ୍କା ଘର ସରକାର ପ୍ରଦାନ କରୁଛନ୍ତି। ଏପରି ଅନେକ ଅସହାୟ ପରିବାର ଅଛନ୍ତି ଯେଉଁମାନଙ୍କ ଉପରେ ପ୍ରଶାସନ ନଜର ପଡୁନାହିଁ। ସେପରି ଏକ ପରିବାର ହେଲା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ପଞ୍ଚାୟତ ଗୋବର୍ଦ୍ଧନ ପ୍ରସାଦ ଆଦିବାସୀ ସାହିର ସ୍ୱର୍ଗତ ସୁରେଶ ବେହେରାଙ୍କ ସ୍ତ୍ରୀ ୮୦ ବର୍ଷୀୟା ବିଧବା ମହିଳା ରାଧା ବେହେରା। ବାର୍ଦ୍ଧକ୍ୟର ସାୟାହ୍ନରେ ଉପନୀତ ହୋଇଥିବା ଏହି ଭୂମୀହିନ ଆଦିବାସୀ ମହିଳା ଜଣଙ୍କ ଦୀର୍ଘ ୨୦ ବର୍ଷ ହେଲା ସ୍ୱାମୀଙ୍କୁ ହରାଇ ପୁଅଙ୍କ ପାଖରେ ଆଶ୍ରିତ ହୋଇ ରହିଛନ୍ତି। ଦୁଇ ପୁଅ ମଧ୍ୟରୁ ବଡ଼ ପୁଅ ବିବାହ କରିଥିବା ବେଳେ ସାନପୁଅ ବିବାହ କରି ନାହାନ୍ତି। ଗୋଟିଏ ଦୁଇ ବଖରା ଦଦରା ଚାଳ ଛପର ମାଟି ଘର ଭିତରେ ପୁଅ ବୋହୂ, ନାତିନାତୁଣୀ ଓ ସାନ ପୁଅ ସହ ରୁହନ୍ତି ରାଧା। ପୁଅ ମୂଲ ଲାଗି ଆଣିଲେ ପରିବାର ଚଳିଥାଏ। ଗ୍ରାମର ୪୦ଟି ଆଦିବାସୀ ପରିବାର ମଧ୍ୟରୁ ମାତ୍ର ଆଠଟି ପରିବାର ଏ ପର୍ଯ୍ୟନ୍ତ ଆବାସ ଘର ପାଇଛନ୍ତି। ସେମାନେ ମୂଲ ଲାଗିବେ କି ବ୍ଲକ ପ୍ରଶାସନ ପାଖକୁ ଦୌଡ଼ିବେ ଏହା ସେମାନଙ୍କ ମୁଖ୍ୟ ସମାସ୍ୟା ହୋଇଛି। ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବା ପାଇଁ ଯିବାକୁ ଅର୍ଥ ବଳ, ସମୟ ଅଭାବ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକ ପ୍ରଶାସନ ନିକଟକୁ ଯିବାକୁ ହେଲେ ସେ ଦିନର ରୋଜଗାର ବନ୍ଦ। ଏପରି ସ୍ଥଳେ ସ୍ଥାନୀୟ ରାଜନେତାଙ୍କ ମାଧ୍ୟମରେ ଦୀର୍ଘ ବର୍ଷ ହେଲା ସେମାନଙ୍କ ଅବସ୍ଥା ଜଣାଇ ଆସୁଥିବା ବେଳେ ପ୍ରଶାସନ ନଜର ସେମାନଙ୍କ ଉପରେ ପଡୁନାହିଁ। ସରକାର ଓ ପ୍ରଶାସନ ଏପରି ପରିବାର ପ୍ରତି ସୁନଜର ଅପେକ୍ଷାରେ ସେମାନେ ଅଛନ୍ତି। ବ୍ଲକ ପ୍ରଶାସନ ରାଧା ବେହେରାଙ୍କୁ ଗୋଟିଏ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୁଲିଲା ଅର୍ପଣ ରଥ; ସବୁ ଗାଁରେ ଭବ୍ୟ ସ୍ୱାଗତ



ବାଲୁଗାଁ, ୮।୧(ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଲାଗି ସାରା ରାଜ୍ୟରେ ଅର୍ପଣ ରଥ ଘର ଘର ବୁଲି ଅନୁକୂଳ ଗୁଆ ଚାଉଳ ସଂଗ୍ରହ କରାଯାଉଛି। ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଅର୍ପଣ ରଥ ପହଁଞ୍ଚିବା ପରେ ବନ୍ଦାପନା କରି ଭବ୍ୟ ସ୍ୱାଗତ କରାଯାଇଥିଲା। ସୋମବାର ସକାଳେ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ତତ୍ତ୍ୱାବଧାନରେ ବିଶାଳ ଶୋଭାଯାତ୍ରାରେ ଜୟ ଜଗନ୍ନାଥ ଅର୍ପଣ ରଥ ବାହାରି ୧ନମ୍ବର ୱାର୍ଡର ପାଟଣାଶାଣୀ କଲୋନୀ, ଅଶୋକ ନଗର ଓ ସୂର୍ଯ୍ୟନଗର ଆଦି ପରିକ୍ରମା କରିଥିଲା। ଏହି ଅର୍ପଣ ରଥ ନଗର ପରିକ୍ରମା ସମୟରେ ଭକ୍ତମାନେ ଭାବ ବିହ୍ୱଳ ହେବା ସହ ଶତାଧିକ ଜଗନ୍ନାଥ ପ୍ରେମୀଙ୍କ ଜୟ ଜଗନ୍ନାଥ ନାମ, ହରି ବୋଲ, ଶଙ୍ଖ ଓ ଘଣ୍ଟର ବାଦ୍ୟ ଧ୍ୱନୀରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ଗୁଆ, ଚାଉଳ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ। ଫଳରେ ସମଗ୍ର ବାଲୁଗାଁ ସହର ଉତ୍ସବ ମୁଖର ହୋଇ ପଡିଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ପ୍ରତିନିଧି ସନ୍ତୋଷ ପାଇକରାୟ , ବାଲୁଗାଁ ଏନଏସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍, ସମସ୍ତ କାଉନସିଲରଙ୍କ ସମେତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

ବାଣପୁର,୮।୧ (ସମିସ): ସାରା ରାଜ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ଘର ଘର ବୁଲି ଚାଉଳ ଓ ଗୁଆ ଅନୁକୂଳ ଲାଗି ସଂଗ୍ରହ କରାଯାଉଛି। ସୋମବାର ସକାଳେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପହଁଞ୍ଚିବା ପରେ ନଗରପାଳ ମିଟୁ ନାୟକଙ୍କ ସମେତ ଏନ୍‌ଏସିର ସମସ୍ତ କାଉନସିଲର, କର୍ମଚାରୀ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଅର୍ପଣ ରଥକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ପରେ ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍କନାଥ ଦେବଙ୍କ ମନ୍ଦିରରେ ପୂଜା ସାରି ଅର୍ପଣ ରଥକୁ ନଗରପାଳ ଶ୍ରୀ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ରଥ ବଜାର ଅଞ୍ଚଳର ୮, ୯, ୧୦ ସମେତ ୫ଟି ୱାର୍ଡ ପରିକ୍ରମା କରିଥିଲା। ପରିକ୍ରମା ସମୟରେ ବହୁ ସଂଖ୍ୟାରେ ମହିଳା ଓ



ଜଗନ୍ନାଥ ପ୍ରେମୀମାନେ ସାମିଲ ହୋଇ ଫୁଲ ଚନ୍ଦନ ସହ ହରିବୋଲ, ହୁଳହୁଳି ଓ ଶଙ୍ଖଧ୍ୱନିରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ, ଗୁଆ ଅର୍ପଣ କରିଛନ୍ତି। ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଉପାଧ୍ୟକ୍ଷା ପ୍ରାଚୀ ପ୍ରଭା ସ୍ୱାଇଁଙ୍କ ସମେତ କାଉନସିଲର, ସ୍ୱଚ୍ଛସାଥି ମହିଳା, କର୍ମଚାରୀ ଓ ମହିଳା ଗୋଷ୍ଠୀ ସହଯୋଗ କରିଥିଲେ। ଅନୁରୂପ ଭାବେ ବାଣପୁରର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଗାଁ ଗାଁ ଅର୍ପଣ ରଥ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି।

## ରଥକୁ କରାଗଲା ବନ୍ଦାପନା



ଖୋର୍ଦ୍ଧା, ୮।୧(ସମିସ): ସାରା ରାଜ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ଘର ଘର ବୁଲି ଚାଉଳ ଓ ଗୁଆ ଅନୁକୂଳ ଲାଗି ସଂଗ୍ରହ କରା ଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ପରିକ୍ରମା ଅର୍ପଣ ରଥ ଆଜି ଖୋର୍ଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦଧିମାଛଗାଡିଆ ଦାରୁକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ପୀଠରୁ ବିଭିନ୍ନ ପଞ୍ଚାୟତ ଅଭିମୁଖେ ଗଡିଛି। ବ୍ଲକ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ ପାତ୍ରଙ୍କ ମୁଖ୍ୟ ତତ୍ତ୍ୱାବଧାନରେ ଓଡିଶା କୋଠା ବାଡ଼ି ନିର୍ମାଣ ସଂଘ ତଥା ଆମ ଓଡ଼ିଶା ନବୀନ ଓଡ଼ିଶାରର ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପରିକ୍ରମା ରଥକୁ ଉଦ୍‌ଘାଟନ କରିଥିଲେ। ଶହ ଶହ ଜଗନ୍ନାଥ ପ୍ରେମୀ, ସଂକୀର୍ତ୍ତନ ମଣ୍ଡଳୀ, ହରିବୋଲ ହୁଳହୁଳି, ମାଦଳ ବଜେଇବା ସହିତ ହରିନାମ ଗାୟନ କରି ଦଧିମାଛଗାଡ଼ିଆରୁ ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଏହି ମହା ସମାରୋହ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକର ଅଧିକାଂଶ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବିଜେଡି ଜିଲ୍ଲା ସମ୍ପାଦକ ରାଜକିଶୋର ପାତ୍ର, ମନ୍ଦିର ମୁଖ୍ୟ ମାନସ ପଟ୍ଟନାୟକ, ବହୁ ଶ୍ରଦ୍ଧାଳୁ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ; ୨ ଗିରଫ

ଜଟଣୀ, ୮।୧(ସମିସ): ଜଟଣୀ ଥାନା ଅନ୍ତର୍ଗତ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ସ୍ଥିତ ମା ' ଖଣ୍ଡୁଆଳ ମନ୍ଦିର ନିକଟରୁ ପୁଲିସ ବ୍ରାଉନସୁଗର ଜବତ ସହ ଦୁଇ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଭଦ୍ରକ ପୁରୁଣା ବଜାରର ଶେଖ୍ ଲାଲ୍ ମହମ୍ମଦ ଓରଫ୍ ଲାଲ୍ (୨୬) ଓ ଏସକେ ସାଇରୁଦ୍ଦିନ (୨୫)। ସେମାନଙ୍କ ନିକଟରୁ ୪୧ ଗ୍ରାମର ବ୍ରାଉନସୁଗର ଓ ନଗଦ ୪ ହଜାର ୩୭୦ ଟଙ୍କା ପୁଲିସ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୪ଲକ୍ଷ ୧୦ହଜାର ହେବ ବୋଲି ଜଣାଯାଇଛି। ଜଟଣୀ ଖଣ୍ଡୁଆଳ ମନ୍ଦିର ନିକଟରେ ଦୁଇ ଅଭିଯୁକ୍ତ କିଛି ମାସ ହେଲା ବ୍ରାଉନସୁଗର ବେପାର କରି ଆସୁଥିଲେ। ପୁଲିସ ଖବର ପାଇ ଏକ ସ୍ୱତନ୍ତ୍ର ଟିମ୍ ଅତର୍କିତ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ଦୁଇ ଅଭିଯୁକ୍ତଙ୍କୁ କାବୁ କରି ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ବ୍ରାଉନସୁଗର ସହ ନଗଦ ଟଙ୍କା ଜବତ କରିଥିଲେ। ଏନେଇ ଥାନାରେ କେସ ନଂ ୭/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ବେଗୁନିଆରେ ଖୋଲିଲା ଧାନମଣ୍ଡି

ବେଗୁନିଆ,୮।୧(ସମିସ): ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିର ବେଗୁନିଆ ଶାଖା ଅଧିନରେ ୧୩ ଟି ସେବା ସମବାୟ ସମିତି ମଧ୍ୟରୁ ବଡ଼ବେରଣାରେ ପ୍ରଥମ କରି ଚାଷୀମାନଙ୍କ ଧାନ ବିକ୍ରୟ ନିମନ୍ତେ ଧାନ ମଣ୍ଡି ଖୋଲିଲା। ଏଥିରେ ସେବା ସମବାୟ ସମିତିର ସଭାପତି ପରମା ନନ୍ଦ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଧାନ ମଣ୍ଡିରେ ୧୩ ଜଣ ଚାଷୀଙ୍କ ଠାରୁ ୬୧୧କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ପ୍ରଥମ ଚାଷୀ ଭାବେ ଗୋବିନ୍ଦପୁର ଗ୍ରାମର ଗୋପାଳ ଚନ୍ଦ୍ର ବେହେରାଙ୍କ ଠାରୁ ୩୪ ବସ୍ତାରୁ ୧୩ କ୍ୱିଣ୍ଟାଲ ୯୧ କେଜି ଧାନ ସାରୁଅ ଏମକେ ମେନେରାଲ ଓ କୁଶପଲ୍ଲୀ ଏସଏମ ମିଲରକୁ ଧାନ ବିକ୍ରୟ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ନିରଞ୍ଜନ ଦାଶ ପରିଚାଳନା କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ବୋଲଗଡ, ୮।୧(ସମିସ): ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକର ଅସରଳା, ଆରିକମା ଓ ପାଟପୁର ୩ଗୋଟି ପଞ୍ଚାୟତ ଅଞ୍ଚଳରେ ସୋମବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ଏଥିରେ ବିଜୁ ଜନତା ଦଳର ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ତଥା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗ ଦେଇଥିଲେ। ସେହିପରି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ଜିଲ୍ଲା ପରିଷଦସଭ୍ୟା ସୁନନ୍ଦିତା ସାହୁ, ଅସରଳା, ଅରିକିମା ଓ ପାଟପୁର ଶାସନ ତିନି ଗୋଟି ଯାକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀ ତଥା ସାମର୍ଥକମାନେ ଯୋଗଦେଇଥିଲେ। ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଜନମଙ୍ଗଳ କାର୍ଯ୍ୟକ୍ରମ ଗୁଡିକ ବିଷୟରେ ଜନସାଧାରଣଙ୍କୁ ଜଣାଇବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ସମର୍ଥନ ପାଇଁ ସାଧାରଣଲୋକଙ୍କୁ ନିବେଦନ କରିଥିଲେ।

## ନନ୍ଦପୁର ପଞ୍ଚାୟତରେ ବିଜେଡିର ସାଂଗଠନିକ ବୈଠକ

ଖୋର୍ଦ୍ଧା, ୮।୧(ସମିସ): ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନ କୁ ସଶକ୍ତ ଓ ଗତିଶୀଳ କରିବାପାଇଁ



ଦୀର୍ଘ ସୂତ୍ରୀ କାର୍ଯ୍ୟକ୍ରମ ଆଧାରରେ ପ୍ରତି ପଞ୍ଚାୟତ ଭଳି ନନ୍ଦପୁର ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଯୁବଛାତ୍ରଙ୍କୁ ନେଇ ସାଙ୍ଗଠନିକ ବୈଠକ ମା' ବଘେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ 'ଆମ ଓଡ଼ିଶା ,ନବୀନ ଓଡ଼ିଶା 'ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତ୍ୟାଗ, ନିଷ୍ଠା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତା ଓ ଚେତନା ଯୋଗୁ ଓଡିଶା ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହୋଇପାରିଛି ବୋଲି କହିଥିଲେ। ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଠାରୁ ସହର ଯାଏ ନବୀନ ଓଡ଼ିଶାର ମହାନ ଲକ୍ଷ ପୂରଣ ହୋଇପାରୁଛି। ଆମେ ସମସ୍ତେ ମିଳିମିଶି ପୁନଃଶ୍ଚ ଷଷ୍ଠଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ଲାଗି ସମସ୍ତ ଘରକୁ ଘର ଯାଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ରବିନାରାୟଣ ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଭାଗିରଥି ପ୍ରଧାନ, ସୂର୍ଯ୍ୟଦେବ କୁମାର ପ୍ରଧାନ ଏବଂ ରାମକୃଷ୍ଣ ରଣାଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଉଦଯାପିତ

ବେଗୁନିଆ,୮।୧(ସମିସ): କଂଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡା ଉଦଯାପିତ ହୋଇଛି। ଏଥିରେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଓ ସ୍ଥାନୀୟ ଚିକିତ୍ସାଳୟର ଫର୍ମାସିଷ୍ଟ ଚିତ ରଞ୍ଜନ ହରିଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପତାକା ଅବତରଣ କରିଥିଲେ। କାର୍ଯ୍ୟକ୍ରମ ସଭାପତି ମାନସ ରଞ୍ଜନ ଦାଶ ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ଓ ସଭ୍ୟ ସରୋଜ କୁମାର ମହାପାତ୍ରଙ୍କ ସମେତ କର୍ମଚାରୀ ଉପସ୍ଥିତ ରହିଥିଲେ।

■ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ସାନ କ୍ଲବ୍ ବିଜୟୀ



ନିରାକାରପୁର,୮।୧(ସମିସ): ଛଣଗିରି ମା ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ସୋମବାର ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ବଜରଙ୍ଗୀ ସ୍ପୋର୍ଟସ କ୍ଲବ , ଘାଟିକିଆ ଓ ସାନ କ୍ଲବ, ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଖେଳର ଗୋଲ ସାନ କ୍ଲବ, ଭୁବନେଶ୍ୱର ୩-୧ ଗୋଲ ସ୍କୋର କରି ବଜରଙ୍ଗୀ ସ୍ପୋର୍ଟସ କ୍ଲବ , ଘାଟିକିଆ ଦଳକୁ ପରାସ୍ତ କରି ବିଜୟ ହାସଲ କରିବାରେ ସଫଳ ହୋଇଥିଲା। ବିଜୟୀ ଦଳର ଜର୍ସି ନଂ ୧୦ ଦିନବନ୍ଧୁ ଦାସ ୨ଟି ଗୋଲ ଦେଇଥିବା ବେଳେ ୯ ନଂ ଜର୍ସି ମଳୟ ସ୍ୱାଇଁ ଗୋଟିଏ ଗୋଲ ଦେଇ ଦଳକୁ ଆଗେଇ ରଖିଥିଲେ। ଘାଟିକିଆ ଦଳ ତରଫରୁ ଗୋଟିଏ ଗୋଲ ମାତ୍ର ଦେବାରେ ସଫଳ ହୋଇପାରିଥିଲେ। ଖେଳକୁ ଏମଏସ ବେଗ, ସୁକାନ୍ତ କୁମାର ପ୍ରଧାନ ଓ ଚିତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ଜିଲ୍ଲାପାଳ ଦେବରାଜ ସେନାପତି, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, କ୍ଲବ ସଭାପତି ମାନସ ଦାସ, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା, ରମେଶ ନାୟକ, ସୁକେଶ୍ ପରିଡ଼ା, ପପି ପାଇକରାୟ ଓ କାଳିଆ ମାଝୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଉପଦେଷ୍ଟା ଶେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଳୁ ଚରଣ ସେଠୀ, ନୃସିହ ଚରଣ ମହାନ୍ତି, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**କଟ୍‌ନି ଛଟ୍‌ନିକୁ ବିରୋଧ, ଧାରଣାରେ ବସିଲେ ଚାଷୀ**

## ସୋସାଇଟି ସମ୍ପାଦକ, ମିଲର୍‌କୁ ତାଲାପକାଇଲେ



ଖୋର୍ଦ୍ଧା,୮।୧(ସମିସ): ଖୋର୍ଦ୍ଧାରେ ଧାନକିଣାରେ ଅସ୍ୱାଭାବିକ ପରିସ୍ଥିତି ଲାଗି ରହିଛି। ଜିଲ୍ଲାରେ ଧାନମଣ୍ଡି ସମ୍ପୂର୍ଣ୍ଣ ଖୋଲିନଥିବା ବେଳେ ଏବେ ଠୁ କଟନି ଛଟନିକୁ ନେଇ ବିବାଦକୁ ନେଇ କୁରାଡମଲ୍ଲ ପଞ୍ଚାୟତର ପଲ୍ଲା ତୋଟାପଡା ସମବାୟ ସମିତି ରେ ଚାଷୀ ତୀବ୍ର ବିରୋଧ କରିଛନ୍ତି। ଏନେଇ ସୋମବାର ଅପରାହ୍ନରେ ପ୍ୟାକ୍ସ ଆଗରେ ଚାଷୀ ଧାରଣାରେ ବସିଥିଲେ। ମିଲର କ୍ୱିଣ୍ଟାଲରେ ୫କେଜି କାଟିବାକୁ ଜିଦ ଧରିବାରୁ ଚାଷୀ ସୋସାଇଟି ସମ୍ପାଦକ ଓ ମିଲରକୁ ତାଲାପକାଇଥିଲେ। ପରେ କ୍ୱିଣ୍ଟାଲକୁ ୪କେଜି କାଟିବାକୁ ପ୍ରତିଶ୍ରୁତି ପରେ ତାଲା ଖୋଲିବା ସହ ଚାଷୀମାନେ ଧାରଣା ପ୍ରତ୍ୟାହୃତ କରିଥିଲା। ମିଳିଥିବା ସୂଚନା ପ୍ରକାରେ ଏହି ପ୍ୟାକ୍ସ ଅଧିନରେ ୧୮୦ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଜାନୁଆରୀ ପହିଲାରେ ୬୬ ଚାଷୀଙ୍କୁ ଟୋକନ ଦିଆଯାଇଛି। ଟାଙ୍ଗି ଚଣ୍ଡେଶ୍ୱର ରାଇସ ମିଲର ଧାନ ଉଠାଇବା ଲାଗି ଦାୟିତ୍ୱରେ ରହିଛି। ସୋମବାର ପୂର୍ବାହ୍ନରେ ଧାନକିଣା ନେଇ ସ୍ଥାନୀୟ ସରପଞ୍ଚ ଶ୍ରୀରାମ ମହାନ୍ତି, ପ୍ୟାକ୍ସ ସମ୍ପାଦକ ନିତ୍ୟାନନ୍ଦ ଦାସଙ୍କ ଉପସ୍ଥିତିରେ ଚାଷୀମାନଙ୍କୁ ନେଇ ସମିତି କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ମିଲରର୍ସ ୫କେଜି ଧାନ କାଟିବାକୁ କହିବା ପରେ ଚାଷୀ ଏହାର ବିରୋଧ କରିଥିଲେ। ପରେ ସର୍ବସମ୍ମତିକ୍ରମେ ୪କେଜି କାଟିବାକୁ ନେଇ ନିଷ୍ପତି ହୋଇଥିବା ଚାଷୀ ଗଣମାଧ୍ୟମ ଆଗରେ କହିଛନ୍ତି। ସୋମବାର ଅପରାହ୍ନରେ ୧୫ଜଣ ଚାଷୀ ପ୍ରାୟ ୭ଶହ କ୍ୱିଣ୍ଟାଲ ଧାନ ବିକ୍ରି ଲାଗି ସମିତି କାର୍ଯ୍ୟାଳୟକୁ ଆସିଥିଲେ। ତେବେ ମିଲ ମାଲିକ ୫କେଜି କାଟିବାକୁ କହିବାରୁ ଚାଷୀ ଏହାର ବିରୋଧ କରିଥିଲେ। ଏହାକୁ ନେଇ ପ୍ୟାକ୍ସରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଚାଷୀମାନେ ଉତେଜିତ ହୋଇ ମିଲର ଓ ସମ୍ପାଦକଙ୍କୁ କିଛି ସମୟ ପାଇଁ ତାଲା ପକାଇ ଅଟକ ରଖିଥିଲେ। ଏନେଇ ଚାଷୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜଗନ୍ନାଥ ବଳିଆରସିଂ, ସନ୍ତୋଷ ପାହାଡାସିଂ, ପ୍ରଦୀପ ମହାନ୍ତି, ରବି ନାରାୟଣ ଦାସଙ୍କ ସମେତ ଏକାଧିକ ଚାଷୀ ପ୍ୟାକ୍ସ ଆଗରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ପରେ ମିଲ ମାଲିକ ଏବଂ ଚାଷୀଙ୍କ ମଧ୍ୟରେ ଆଲୋଚନା ପରେ ମିଲରର୍ସ ୪କେଜି କାଟିବାକୁ ରାଜି ହେବା ପରେ ଚାଷୀ ତାଲା ଖୋଲିବା ସହ ଧାରଣାରୁ ଓହରିଥିଲେ। ପରେ ମଣ୍ଡି ସ୍ୱାଭାବିକ ହୋଇଥିଲା।

■ ହାଟବସ୍ତ ମା'ଯୋଗମାୟା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ଏମ୍‌ଏଫ୍‌ସି ଟିମ୍ ବିଜୟୀ

ବୋଲଗଡ଼,୮।୧(ସମିସ): ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମା'ଯୋଗମାୟା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେରେ ଚାଲିଥିବା ମା'ଯୋଗମାୟା ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଅନ୍ତିମ ଲିଗ ମ୍ୟାଚ୍‌ରେ କଟକ ଗଣ୍ଡରପୁରର ୟୁନାଇଟେଡ଼ କ୍ଲବ ଫୁଟବଲ ଟିମ୍‌କୁ ୩-୦ ଗୋଲରେ ହରାଇ ଭୁବନେଶ୍ୱର ଏମଏଫସି ଫୁଟବଲ ଟିମ୍ ବିଜୟୀ ହୋଇଛି। ଭୁବନେଶ୍ୱର ଟିମ୍ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧରେ ୨ଟି ଗୋଲ ଏବଂ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଏପରି ମୋଟ ୩ ଟି ଗୋଲ ଗଣ୍ଡରପୁର ଟିମ୍ ବିପକ୍ଷ ରେ ସ୍କୋର ହୋଇଥିଲା। ହେଲେ ଖେଳର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଗଣ୍ଡରପୁର ୟୁନାଇଟେଡ଼ କ୍ଲବ୍ ଫୁଟବଲ ଟିମ୍ ପକ୍ଷରୁ କୌଣସି ଗୋଲ ସ୍କୋର ହୋଇପାରିନଥିବାରୁ ଭୁବନେଶ୍ୱର ଏମଏଫସି ଫୁଟବଲ ଟିମ୍ ୩-୦ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରୀ ଭାବେ ରବିନାରାୟଣ ରଣା ଖେଳ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ଚୌଧୁରୀ ଏବଂ ମନୋରଞ୍ଜନ ମିଶ୍ର

ଲାଇନ୍‌ସରେ ସହାୟତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପୃଥିବଲ୍ଲଭ ପଟନାୟକ ଏବଂ ସମ୍ମାନିତ ଅତିଥି ରୂପେ ସମାଜସେବୀ ଦିଲୀପ ରାଉତରାୟ ଏବଂ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏସନର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



